**କାର୍ଯ୍ୟକାରୀ ହେଉନି ହାଇକୋର୍ଟଙ୍କ ନିର୍ଦ୍ଦେଶ**

# ଜବରଦଖଲ ଓ ବେଆଇନ ପାର୍କିଂରୁ ମୁକୁଳିପାରୁନି ମୁଖ୍ୟରାସ୍ତା

କଟକ,୧୭ ।୧୨(ସମିସ)

କଟକ ସହରର ସମସ୍ତ ଗୁରୁତ୍ୱପୂର୍ଣ୍ଣ ମୁଖ୍ୟ ରାସ୍ତା ଗୁଡିକୁ ଜବରଦଖଲରୁ ମୁକ୍ତ କରାଯାଇପାରୁନି । ଏପରିକି ରାସ୍ତାରେ ବେଆଇନ ପାର୍କିଂ ବିରୋଧରେ ପୁଲିସ ଆଖିଦୃଶିଆ ପଦକ୍ଷେପ ନେଇପାରିନି । ହାଇକୋର୍ଟ ବିଗତ ଦିନରେ ଏହି ପ୍ରସଙ୍ଗକୁ ଗୁରୁତ୍ୱର ସହ ଶୁଣାଣି କରି ଅନେକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ମାନ ଦେଇଥିଲେ । ପୂର୍ବରୁ ହାଇକୋର୍ଟ ଏ ସଂକ୍ରାନ୍ତରେ ପ୍ରଦାନ କରିଥିବା ନିର୍ଦ୍ଦେଶ ଗୁଡିକୁ ଖୋଲା ଉଲ୍ଲଙ୍ଘନ କରାଯାଉଥିବା ଦେଖିବାକୁ ମିଳିଛି । ସହରର କେତେକ ପ୍ରମୁଖ ରାସ୍ତାକୁ ଦୃଷ୍ଟାନ୍ତଭାବେ ନେଇ ଆଡଭୋକେଟ କମିଟି ଅଦାଲତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏହାକୁ ଦୃଷ୍ଟିରେ ରଖି ଏହି ସ୍ଥାନ ଗୁଡିକରୁ ଜବରଦଖଲ ହଟାଇବା ପାଇଁ ପୁଲିସ ପ୍ରଶାସନକୁ ହାଇକୋର୍ଟ କଡା ନିର୍ଦ୍ଦେଶ ଦେଇଥିଲେ । ଅଦାଲତଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଜବରଦଖଲ ଓ ବେଆଇନ ପାର୍କିଂ ସ୍ଥିତି ଯଥା ପୂର୍ବଂ ତଥା ପରଂ ଭଳି ହୋଇଛି । ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ବାଦାମବାଡି-ମଧୁପାଟଣା ମୁଖ୍ୟ ରାସ୍ତା ପାଶ୍ୱର୍ ଡ୍ରେନକୁ ଅବରୋଧମୁକ୍ତ କରାଯାଇଥିଲା । ସହରର ଫୁଟପାଥ ଓ ଡ୍ରେନ ଉପର ପୁନର୍ବାର ବେଆଇନ ପାର୍କିଂ ଓ ଉଠାଦୋକାନୀଙ୍କର ପାଇଁ ଜବରଦଖଲରେ ରହିଛି । ଡ୍ରେନ ଉପରୁ ପୂଜାମଣ୍ଡପର ଏକ ଅଂଶ ଓ ଏକ ମନ୍ଦିର ଉଚ୍ଛେଦ ହୋଇଥିଲା । ହାଇକୋର୍ଟଙ୍କ ତାଗିଦା ପାଇଁ ପୁଲିସ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା । ଯଦି ଉଚ୍ଛେଦ ହୋଇଥିବା ଡ୍ରେନ ଓ ଫୁଟପାଥ ଉପରେ ପୁଣି ଜବରଦଖଲ ହୁଏ ତେବେ ସଂପୃକ୍ତ ଥାନା ଅଧିକାରୀଙ୍କୁ ଉତ୍ତରଦାୟୀ କରାଯିବ



ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଥିଲେ । ଏହି ନିର୍ଦ୍ଦେଶ ଅନୁପାଳନ କରାଯାଉ ନ ଥିବା ଅଭିଯୋଗ ହେଉଛି । ଜବରଦଖଲ ଉଚ୍ଛେଦ ପରେ ଯେପରି ପୁଣି ଜବରଦଖଲ ନ ହୁଏ ସେଥିପାଇଁ ସମସ୍ତ ଥାନା ଆଇଆଇସିଙ୍କୁ କଟକ ଡିସିପିଙ୍କ ପକ୍ଷରୁ ନିର୍ଦ୍ଦେଶାବଳୀ ଜାରି କରାଯାଇଥିଲା; କିନ୍ତୁ ଏହା ଆଉ ସଠିକ ଭାବରେ ତଦାରଖ ହେଉନି । ବାଦାମବାଡି-ମଧୁପାଟଣା ରାସ୍ତାର ଦୁଇ ପାଶ୍ୱର୍ରେ ରହିଥିବା ଡ୍ରେନ ଉପରେ ପୁଣି ବେପାରୀମାନେ ଜବରଦଖଲ କରି ପସରା ଖୋଲିଲେଣି । ଏପରିକି ନୂଆ କରି ନିର୍ମିତ ଫୁଟପାଥ ଜବରଦଖଲରେ ରହିଛି । ଫୁଟପାଥ ଉପରେ ଗ୍ୟାରେଜଗୁଡିକ ଥିବାରୁ ରାସ୍ତା କଡରେ ଶହ ଶହ ଚାରିଚକିଆ, ତିନିଚକିଆ ଓ ଦୁଇଚକିଆ ଗାଡି ମରାମତି ପାଇଁ ଦୀର୍ଘ ଦିନ ଧରି ପାର୍କିଂ କରାଯାଉଛି ।

---

● କଟକରେ ଅବକାରୀ ବିଭାଗକୁ ସଫଳତା

## ୩୫ ଲକ୍ଷ ଟଙ୍କାର ବ୍ରାଉନସୁଗର ଜବତ; ୩ ଗିରଫ

କଟକ,୧୭।୧୨(ସମିସ): ସହରରେ କାୟା ବିସ୍ତାର କରୁଥିବା ବେଆଇନ ନିଶା କାରବାର ଉପରେ ଅବକାରୀ ବିଭାଗ ପକ୍ଷରୁ ଏକ ଶକ୍ତ ପ୍ରହାର କରାଯାଇଛି । ବୁଧବାର ସହରର ବିଭିନ୍ନ ସ୍ଥାନରେ ଚଢ଼ଉ କରି ଅବକାରୀ ଟିମ୍ ତିନି ଜଣ ପେସାଦାର ନିଶା ବେପାରୀଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ମୋଟ ୩୫ ଲକ୍ଷ ଟଙ୍କାର ବ୍ରାଉନସୁଗର ଜବତ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ଯୋବ୍ରା ଅଞ୍ଚଳର କାହ୍ନା ଘଡେଇ (୨୦), ଚାନ୍ଦିନୀଚୌକର ପ୍ରକାଶ କୁମାର ବାରିକ (୪୦) ଏବଂ ମଠସାହିର କରନ ରାଜ (୧୮) । ଏମାନଙ୍କ ମଧ୍ୟରୁ ପ୍ରଥମେ କେନ୍ଦ୍ରାଞ୍ଚଳ ଅବକାରୀ ଗୁଇନ୍ଦା ବିଭାଗ ବିଶେଷ ସୂତ୍ରରୁ ଖବର ପାଇ ତଳ ବାଲିଯାତ୍ରା ପଡ଼ିଆରେ ଚଢ଼ଉ କରିଥିଲା ଏବଂ ସେଠାରୁ କାହ୍ନା ଘଡେଇକୁ କାବୁ କରିଥିଲା । ତଲାସି ପରେ ତା ନିକଟରୁ ୧୨୧ ଗ୍ରାମ ବ୍ରାଉନସୁଗର ମିଳିଥିଲା, ଯାହାର ମୂଲ୍ୟ ପ୍ରାୟ ୧୩ ଲକ୍ଷ ଟଙ୍କା ହେବ ଏବଂ ଘଟଣାସ୍ଥଳରୁ ଏକ ବାଇକ୍ ମଧ୍ୟ ଜବତ କରାଯାଇଥିଲା । ଏହାର କିଛି ସମୟ ପରେ ଅବକାରୀ ଫ୍ଲାଇଂ ସ୍କ୍ୱାଡ୍ ପକ୍ଷରୁ ବକ୍ସିବଜାରର ଏକ ନର୍ସିଂହୋମ ନିକଟରୁ କରନ ରାଜକୁ ଗିରଫ କରାଯାଇ ତା' ପାଖରୁ ୧୦୩ ଗ୍ରାମ ଏବଂ ଚାନ୍ଦିନୀଚୌକ ଅଞ୍ଚଳରୁ ପ୍ରକାଶ ବାରିକଙ୍କ ନିକଟରୁ ୧୧୭ ଗ୍ରାମ ବ୍ରାଉନସୁଗର ଜବତ କରାଯାଇଛି । ଏହି ଦୁଇ ଜଣଙ୍କ ପାଖରୁ ଜବତ ନିଶାଦ୍ରବ୍ୟର ମୂଲ୍ୟ ପ୍ରାୟ ୨୨ ଲକ୍ଷ ଟଙ୍କା ହେବ ବୋଲି ଆକଳନ କରାଯାଇଛି । ଜେରା ସମୟରେ ଅଭିଯୁକ୍ତମାନେ ସ୍ୱୀକାର କରିଛନ୍ତି ଯେ, ସେମାନେ ଏହି ମାରାତ୍ମକ ନିଶାଦ୍ରବ୍ୟ ଭଦ୍ରକ ଏବଂ ଜଳେଶ୍ୱର ଅଞ୍ଚଳରୁ ଆଣି କଟକ ସହରର ବିଭିନ୍ନ ସ୍ଥାନରେ ଚୋରା ଚାଲାଣ କରୁଥିଲେ । ବିଶେଷ କରି ଅଧିକ ଟଙ୍କା ଲୋଭରେ ଯୁବପିଢ଼ି ଏହି ବେଆଇନ କାରବାର ଆଡ଼କୁ ଆକର୍ଷିତ ହେଉଥିବା ଦେଖିବାକୁ ମିଳିଛି । ଏହି ଚଢ଼ଉରେ ଅବକାରୀ ଟିମ୍‌ର ଇନ୍ସପେକ୍ଟର ଅବନି କୁମାର ମହାପାତ୍ର, ହୀରା ଦଳପତି ଏବଂ ସୁଶାନ୍ତ ମହାପାତ୍ରଙ୍କ ସମେତ ଅନେକ ଅଧିକାରୀ ସାମିଲ ଥିଲେ । ଗିରଫ ସମସ୍ତ ଅଭିଯୁକ୍ତଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଛି ।

---

## ଓସିଆ ବାଣିଜ୍ୟ ମେଳା ଉଦ୍‌ଯାପିତ

**ସ୍ଥାନୀୟ ଶିଳ୍ପ ସାମଗ୍ରୀ ବ୍ୟବହାର କରିବାକୁ ବାଚସ୍ପତିଙ୍କ ପରାମର୍ଶ**

କଟକ,୧୭।୧୨(ସମିସ): ଓଡ଼ିଶା କ୍ଷୁଦ୍ର ଶିଳ୍ପ ସଂଘର ୭୦ତମ ପ୍ରତିଷ୍ଠା ଦିବସ ଅବସରରେ ବିଦ୍ୟାଧରପୁରଠାରେ ଆୟୋଜିତ ପଞ୍ଚଦିବସୀୟ ଏମଏସଏମଇ ବାଣିଜ୍ୟ ମେଳା ସଫଳତାର ସହ ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନ ଉତ୍ସବରେ ମୁଖ୍ୟଅତିଥି ଭାବେ ବାଚସ୍ପତି ସୁରମା ପାଢ଼ୀ ସ୍ଥାନୀୟ ଶିଳ୍ପ ସଂସ୍ଥା ଦ୍ୱାରା ନିର୍ମିତ ସାମଗ୍ରୀ କ୍ରୟ କରି ଓଡ଼ିଶାର ଶିଳ୍ପୀ ଓ ଉଦ୍ୟୋଗୀଙ୍କୁ ପ୍ରୋତ୍ସାହିତ କରିବା ପାଇଁ ପରାମର୍ଶ ଦେଇଥିଲେ । ଓସିଆ ସଭାପତି ସମରଜିତ୍ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ମେଳାରେ ୮୦ରୁ ଅଧିକ କ୍ଷୁଦ୍ର ଶିଳ୍ପ ୟୁନିଟ୍, ବ୍ୟାଙ୍କ ଏବଂ କେନ୍ଦ୍ରୀୟ ସରକାରୀ ଉଦ୍ୟୋଗ ସାମିଲ ହୋଇଥିଲେ । ଚଳିତ ବର୍ଷ ଏହି ମେଳାରେ ୧ କୋଟି ଟଙ୍କାରୁ ଅଧିକ ବ୍ୟବସାୟ ହୋଇଥିବା ସଭାପତି ସୂଚନା ଦେଇଛନ୍ତି । ଏହି ଅବସରରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ସହାୟତା ଯୋଜନା



ସମ୍ପର୍କରେ ସୂଚନା ଦିଆଯାଇଥିଲା । ବିଶେଷ କରି ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଉଦ୍ୟୋଗୀଙ୍କ ପାଇଁ ଶହେ ପ୍ରତିଶତ ଏବଂ ସାଧାରଣ ବର୍ଗଙ୍କ ପାଇଁ ୮୦ ପ୍ରତିଶତ ସହାୟତା ରାଶିର ବ୍ୟବସ୍ଥା ରହିଛି । ସନ୍ ଅରୋମେଟିକ୍ କମ୍ପାନିର ମାଲିକ ପ୍ରବୋଧ କୁମାର ବଡ଼ପଣ୍ଡା କହିଥିଲେ ଯେ, ମାତ୍ର ୫ରୁ ୧୦ ହଜାର ଟଙ୍କା ପୁଞ୍ଜି ଖଟାଇ ଜଣେ ସଫଳ ଉଦ୍ୟୋଗୀ ହୋଇପାରିବେ । ମହମବତି, ଧୂପକାଠି ଏବଂ ଡିଟରଜେଣ୍ଟ ପରି ସାମଗ୍ରୀ ପ୍ରସ୍ତୁତି ପାଇଁ ସେମାନଙ୍କ କମ୍ପାନି ପକ୍ଷରୁ କଞ୍ଚାମାଲ ଯୋଗାଇ ଦିଆଯିବ । କାର୍ଯ୍ୟକ୍ରମରେ ଉପସଭାପତି ହିମାଂଶୁ ଶେଖର ମିଶ୍ର, କୋଷାଧ୍ୟକ୍ଷ ସଞ୍ଜୟ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିବା ବେଳେ ସମ୍ପାଦକ ସଞ୍ଜୟ ମହାପାତ୍ର ଧନ୍ୟବାଦ ଦେଇଥିଲେ ।

## ଆଠଗଡ଼ ବିଦ୍ୟୁତ ଉପଭୋକ୍ତା ସଂଘ ଗଠିତ

ଆଠଗଡ,୧୭।୧୨(ସମିସ): ଆଠଗଡରେ ବିଦ୍ୟୁତ ଉପଭୋକ୍ତା ସଂଘ ଗଠନ କରାଯାଇଛି । ଆଠଗଡ ଜିଲ୍ଲା ଆନ୍ଦୋଳନସ୍ଥଳରେ ଏହି ସଂଘର ପ୍ରଥମ



ବୈଠକ ଅନୁଷ୍ଠିତ ହୋଇଯାଇଛି । ସାମ୍ବାଦିକ ଲଲାଟେନ୍ଦୁ ସେନାପତିଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ବହୁ ବିଦ୍ୟୁତ ଉପଭୋକ୍ତା ଯୋଗଦେଇଥିଲେ । ଏଥିରେ ସର୍ବସମ୍ମତିକ୍ରମେ ଆଇନଜୀବୀ ମୃତ୍ୟୁଞ୍ଜୟ ମହାପାତ୍ର ସଭାପତି ଭାବେ ମନୋନୀତ ହୋଇଥିବା ବେଳେ ସମ୍ପାଦକ ଭାବେ ଆଇନଜୀବୀ ଶ୍ୟାମାନନ୍ଦ ମହାରଣା ମନୋନୀତ ହୋଇଛନ୍ତି । ସେହିପରି ଉପସଭାପତି ଭାବେ ଶରତଚନ୍ଦ୍ର ସାମନ୍ତ ଏବଂ ଗିରିଶ କୁମାର ମିଶ୍ର ମନୋନୀତ ହୋଇଛନ୍ତି । ଉପଦେଷ୍ଟା ଭାବେ ବରିଷ୍ଠ ଆଇନଜୀବୀ ପ୍ରାଣକୃଷ୍ଣ ଦାଶ, ଫଣିଭୂଷଣ ରଥ ଏବଂ ସୁରେଶ ଚନ୍ଦ୍ର ପରିଡା ମନୋନୀତ ହୋଇଛନ୍ତି । ଟିପିସିଓଡ଼ିଏଲ ତରଫରୁ ବିଦ୍ୟୁତ ଗ୍ରାହକଙ୍କ ନିକଟକୁ ଅତିରିକ୍ତ ବିଦ୍ୟୁତ ଦେୟ ପାଇଁ ବୈଦ୍ୟୁତିକ ନୋଟିସ ଆସିଥିବା ବେଳେ ଏହାକୁ

**ରାଜ୍ୟ ବିଦ୍ୟୁତ ଉପଭୋକ୍ତା ସଂଘକୁ ଦେଲା ସମର୍ଥନ**

ଦୃଢ଼ ବିରୋଧ କରିଛି ଆଠଗଡ ବିଦ୍ୟୁତ ଉପଭୋକ୍ତା ସଂଘ । ଆଠଗଡ ବିଦ୍ୟୁତ ଉପଭୋକ୍ତା ସଂଘ ରାଜ୍ୟ ବିଦ୍ୟୁତ ଉପଭୋକ୍ତା ସଂଘକୁ ସମର୍ଥନ କରିଥିବା ବେଳେ ଆଗାମୀ ଦିନରେ ବ୍ୟାପକ ଜନଆନ୍ଦୋଳନ ହେବ ବୋଲି ଆବାହକ ଲଲାଟେନ୍ଦୁ ସେନାପତି ସୂଚନା ଦେଇଛନ୍ତି ।

---

**ଟିପିସିଓଡିଏଲ୍‌ର ଅତିରିକ୍ତ ସୁରକ୍ଷା ଦେୟକୁ ବିରୋଧ**

## ଗର୍ଜିଲା ବିଦ୍ୟୁତ୍ ଉପଭୋକ୍ତା ମଞ୍ଚ

କଟକ,୧୭।୧୨(ସମିସ): ବିଦ୍ୟୁତ ବିଭାଗର ମନମୁଖୀ ଶାସନ ଏବଂ ଅତିରିକ୍ତ ସୁରକ୍ଷା ଦେୟ ଆଦାୟ ବିରୋଧରେ ଅଖିଳ ଭାରତ ବିଦ୍ୟୁତ ଉପଭୋକ୍ତା ମଞ୍ଚ ପକ୍ଷରୁ କଟକ ରାଣୀହାଟସ୍ଥିତ ବିଦ୍ୟୁତ କାର୍ଯ୍ୟାଳୟ ସମ୍ମୁଖରେ ଏକ ବିଶାଳ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । କଟକ ରେଲୱେ କଲୋନୀ ଦଳିତ ବସ୍ତିର ୫୫ଟି ପରିବାର ପାଇଁ ମାତ୍ର ଗୋଟିଏ ମିଟର ବସାଯାଇ ସେମାନଙ୍କଠାରୁ ବ୍ୟବସାୟିକ ଭିତ୍ତିରେ ଦେୟ ଆଦାୟ କରାଯିବାକୁ ମଞ୍ଚ ତୀବ୍ର ନିନ୍ଦା କରିଛି । ଏହି ଗରିବ ସଫେଇ କର୍ମଚାରୀମାନଙ୍କ ଉପରେ ଅହେତୁକ ବିଜୁଳି ବିଲ୍ ଲଦିଦେବା ସମ୍ପୂର୍ଣ୍ଣ ବେଆଇନ ଓ ଅମାନବୀୟ ବୋଲି ମଞ୍ଚ ଅଭିଯୋଗ କରିଛି । ମଞ୍ଚର ଜିଲ୍ଲା ଆବାହକ ଖଗେଶ୍ୱର ସେଠୀଙ୍କ ନେତୃତ୍ୱରେ ଆୟୋଜିତ ଏହି ବିକ୍ଷୋଭରେ ବିଶ୍ୱାବସୁ ଦାସ, ଦୀପକ




ଦାସ, ସୁକାନ୍ତ ନାୟକ ଏବଂ ବହୁ ସଂଖ୍ୟାରେ ବସ୍ତି ବାସିନ୍ଦା ସାମିଲ ହୋଇଥିଲେ । ବିଶେଷ କରି ସ୍ମାର୍ଟ ମିଟର ପ୍ରଚଳନ ଏବଂ ବର୍ତ୍ତମାନର ଅତିରିକ୍ତ ସୁରକ୍ଷା ଦେୟ ପାଇଁ ଆସୁଥିବା ନୋଟିସ ବୋଝ ଉପରେ ନଳିତା ବିଡ଼ା ସଦୃଶ ହୋଇଛି ବୋଲି ନେତାମାନେ ମତ ଦେଇଛନ୍ତି । ଏହି ନୂତନ ନିୟମ ଗରିବ ଲୋକଙ୍କ ଆର୍ଥିକ ସ୍ଥିତିକୁ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ କରିଦେଇଛି । ଉପଭୋକ୍ତା ମଞ୍ଚ ପକ୍ଷରୁ ଦାବିଗୁଡ଼ିକ ହେଲା, ରେଲୱେ କଲୋନୀ ଦଳିତ ବସ୍ତିର ପ୍ରତ୍ୟେକ ଘରକୁ ସ୍ୱତନ୍ତ୍ର ମିଟର ସଂଯୋଗ ଦିଆଯାଉ ଏବଂ ବ୍ୟବସାୟିକ ଦେୟ ଆଦାୟ ବନ୍ଦ ହେଉ, ଅତିରିକ୍ତ ସୁରକ୍ଷା ଦେୟ ନାମରେ ଉପଭୋକ୍ତାଙ୍କୁ ଶୋଷଣ କରିବା ତୁରନ୍ତ ବନ୍ଦ କରାଯାଉ, ଗରିବ ଲୋକଙ୍କୁ ବିନା କୌଣସି ସୁରକ୍ଷା ଦେୟ ଓ କଟକଣାରେ ବିଦ୍ୟୁତ ସଂଯୋଗ ପ୍ରଦାନ କରାଯାଉ, ପ୍ରିପେଡ୍ ସ୍ମାର୍ଟ ମିଟର ବ୍ୟବସ୍ଥାକୁ ତୁରନ୍ତ ବାତିଲ କରାଯାଉ, ୩୦୦ ୟୁନିଟ୍ ପର୍ଯ୍ୟନ୍ତ ବିଦ୍ୟୁତ ଶୁଳ୍କ ସମ୍ପୂର୍ଣ୍ଣ ଛାଡ଼ କରାଯାଉ, ସମଗ୍ର ବିଦ୍ୟୁତ ସେବା କ୍ଷେତ୍ରକୁ ସରକାର ନିଜ ହାତକୁ ନିଅନ୍ତୁ ଏବଂ ଘନ ଘନ ବିଦ୍ୟୁତ କାଟ ବନ୍ଦ କରନ୍ତୁ । ଯଦି ଏହି ଦାବିଗୁଡ଼ିକ ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯାଏ, ତେବେ ଆଗାମୀ ଦିନରେ ଏହି ଆନ୍ଦୋଳନ ସାରା ଜିଲ୍ଲାକୁ ବ୍ୟାପିବ ବୋଲି ମଞ୍ଚ ପକ୍ଷରୁ ଚେତାବନୀ ଦିଆଯାଇଛି ।

---

## ନାଳନ୍ଦା ବିଦ୍ୟାଳୟର ବାର୍ଷିକୋତ୍ସବ



କଟକ,୧୭।୧୨(ସମିସ): କଟକ ମହମ୍ମଦିଆ ବଜାରସ୍ଥ ନାଳନ୍ଦା ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ କଟକ କଳାବିକାଶ କେନ୍ଦ୍ରଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ବିଦ୍ୟାଳୟର ସଂପାଦକ ସଞ୍ଜିବ ଦାସ ଅଧ୍ୟକ୍ଷତା କରିଥିଲେ । କଟକ ମହାନଗର ନାଗରିକ ମହାସଭାର ସଭାପତି ଡାକ୍ତର ରବି ରଞ୍ଜନ ସାହୁ ମୁଖ୍ୟଅତିଥି, ଶିଶୁ ସାହିତ୍ୟିକା ମନିଷା ରାୟ ଉଦ୍‌ଘାଟିକା, ବିଜୟ ଦଳାଇ ପୁରାତନ ଛାତ୍ର ତଥା ପୂର୍ବତନ କର୍ପୋରେଟର ସମ୍ମାନିତ ଅତିଥି, କୁମାରୀ ଚାନ୍ଦିନୀ ଜେନା ହାସ୍ୟ ଅଭିନେତ୍ରୀ ମୁଖ୍ୟବକ୍ତା ଓ କୁମାରୀ ଅଳକା ଷଡ଼ଙ୍ଗୀ ଟେଲି ଅଭିନେତ୍ରୀ ସମ୍ମାନୀତ ବକ୍ତା ଭାବେ ଯୋଗଦେଇଥିଲେ । ବିଦ୍ୟାଳୟର ପରିଚାଳିକା କାନନବାଳା ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । କୃତୀ ପ୍ରତିଯୋଗିଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା । ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

## ବେଆଇନ କ୍ରସରକୁ ସିଲ୍‌କଲା ପ୍ରଶାସନ



ତିଗିରିଆ,୧୭।୧୨(ସମିସ): ସରକାରୀ କାଗଜପତ୍ର ନ ଥାଇ ଦୀର୍ଘ ଦିନ ଧରି ତିଗିରିଆ ତହସିଲ ଅଧୀନ ଭେଜିଆ ରାଜସ୍ୱ ମୌଜାରେ ଥିବା ଶିବଶକ୍ତି ଷ୍ଟୋନ କ୍ରସରକୁ ଆଠଗଡ଼-ତିଗିରିଆ ପ୍ରଶାସନ ପକ୍ଷରୁ ସିଲ କରାଯାଇଛି । ତିଗିରିଆ ବ୍ଲକ ଅନ୍ତର୍ଗତ ଭୋଗଡା ପଞ୍ଚାୟତ ଅଧୀନ ଭେଜିଆ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଚାଲିଥିବା ଏକ ବେଆଇନ କ୍ରସରକୁ ଆଜି ସ୍ଥାନୀୟ ପ୍ରଶାସନ ସିଲ କରିଥିବା ଜଣାପଡ଼ିଛି । ଉପଜିଲ୍ଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମାଙ୍କ ନେତୃତ୍ୱରେ ତିଗିରିଆ ତହସିଲଦାର ଅକ୍ଷୟ ପରିଡା, ବିଦ୍ୟୁତ ବିଭାଗ, ପୁଲିସ ଅଧିକାରୀ ଓ ଅନ୍ୟାନ୍ୟ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଏସଏସ ଟ୍ରେଡର ମାଲିକାନାରେ ଥିବା ଏହି ବେଆଇନ କ୍ରସରକୁ ସିଲ କରାଯାଇଥିଲା । ସୂଚନାଯୋଗ୍ୟ ଯେ ତିଗିରିଆ ବ୍ଲକର ଭେଜିଆ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ୧୦ରୁ ଊର୍ଦ୍ଧ୍ୱ ବେଆଇନ କ୍ରସର ଚାଲୁଥିବା ବେଳେ ରାଜ୍ୟ ସରକାରଙ୍କ ଲକ୍ଷାଧିକ ଟଙ୍କାର ରାଜସ୍ୱ ହାନୀ ହେଉଥିବା ନେଇ ବିଭିନ୍ନ ଗଣମାଧ୍ୟମରେ ବାରମ୍ବାର ଖବର ପ୍ରକାଶ ପାଇବା ପରେ ପ୍ରଶାସନ ପକ୍ଷରୁ ଏଥି ପୂର୍ବରୁ ୩ଟି ବେଆଇନ କ୍ରସରକୁ ବନ୍ଦ କରାଯାଇଥିଲା ବୋଲି ତହସିଲଦାର ଶ୍ରୀ ପରିଡ଼ା ସୂଚନା ଦେଇଛନ୍ତି ।

## ମୋବାଇଲ ଚୋରି ବେଳେ ଧରାପଡ଼ିଲେ ମାମୁ-ଭଣଜା

ତିଗିରିଆ,୧୭।୧୨(ସମିସ): ତିଗିରିଆ ଥାନା ଅନ୍ତର୍ଗତ ଭିରୁଡ଼ା ପଞ୍ଚାୟତ ଅଧୀନ ଗୋଡିଝରିଆ ସାପ୍ତାହିକ ହାଟରୁ ୩ ଜଣ ମୋବାଇଲ ଫୋନ ଚୋରକୁ ବୁଧବାର ସ୍ଥାନୀୟ ଜନସାଧାରଣ ଧରି ଉତ୍ତମମଧ୍ୟମ ଦେଇ ପୁଲିସକୁ ହସ୍ତାନ୍ତର କରିଛନ୍ତି । ଧରାପଡିଥିବା ଚୋରଙ୍କ ମଧ୍ୟରୁ ୨ ଜଣ ନାବାଳକ ହୋଇଥିବା ବେଳେ ଅନ୍ୟ ଜଣେ ସେମାନଙ୍କ ମାମୁ ବୋଲି ଜଣାପଡ଼ିଛି ।



ପ୍ରକାଶ ଯେ ସକାଳେ ତିଗିରିଆ ଥାନା ଅନ୍ତର୍ଗତ ଗୋଡିଝରିଆ ସାପ୍ତାହିକ ହାଟରେ ଚୋରମାନେ ଗୋଟିଏ ଚୋରା ବାଇକରେ ଆସି ହାଟକୁ ଆସିଥିବା ଲୋକଙ୍କ ମୋବାଇଲ ଚୋରି କରୁଥିଲେ । ଚୋରମାନେ ଦୁଇଟି ମୋବାଇଲ ଚୋରି କରି ବାଇକରେ ଖସିବାକୁ ଉଦ୍ୟମ କରୁଥିବା ବେଳେ ସ୍ଥାନୀୟ ଜନସାଧାରଣଙ୍କ ହାବୁଡ଼ରେ ପଡ଼ିଥିଲେ । ସମସ୍ତଙ୍କ ଘର ଗଞ୍ଜାମ ଜିଲ୍ଲା ସୋରଡ଼ା ଅଞ୍ଚଳରେ ବୋଲି ଜଣାପଡିଛି ।

## ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ



ଟାଙ୍ଗୀ,୧୭ ।୧୨(ସମିସ): ଟାଙ୍ଗୀ-ଚୌଦ୍ୱାର ବ୍ଲକ ଜରିପଡ଼ା ପଞ୍ଚାୟତ କଣି-ପଇଗୁଁଆ ଗ୍ରାମସ୍ଥିତ କ୍ଷୀରେଶ୍ୱର ବିଦ୍ୟାପୀଠର ୨୭ତମ ବାର୍ଷିକ କ୍ରୀଡ଼ା ଉତ୍ସବ ବୁଧବାର ଉଦଘାଟିତ ହୋଇଯାଇଛି । ପ୍ରଧାନଶିକ୍ଷକ ଦିଲ୍ଲୀପ କୁମାର ଲେଙ୍କାଙ୍କ ପୌରୋହିତ୍ୟରେ ଆୟୋଜିତ ଉଦଘାଟନ ଉତ୍ସବରେ ଟେଟ୍ରାହେଡ୍ରନ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ ଅଧ୍ୟକ୍ଷ ତ୍ରିଦେବ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ମାଗଣାରେ କୋଚିଂ ଦେବାର ବ୍ୟବସ୍ଥା ଟେଟ୍ରାହେଡ୍ରନ ଗ୍ରୁପ ପକ୍ଷରୁ କରାଯିବ ବୋଲି କହିଥିଲେ । ସ୍ଥାନୀୟ ସରପଞ୍ଚ ସଞ୍ଜୁକ୍ତା ସେଠୀ, ପରିଚାଳନା କମିଟି ସଭାପତି ନିରଞ୍ଜନ ବେହୁରା ଓ ପ୍ରାକ୍ତନ ପ୍ରଧାନଶିକ୍ଷକ ଭକ୍ତ ବତ୍ସଳ ସାହୁଙ୍କ ସମେତ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ସମ୍ମାନୀତ ଅତିଥିଭାବେ ଯୋଗଦେଇ ବିଦ୍ୟାର୍ଥୀମାନଙ୍କୁ ଉତ୍ସାହିତ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାପୀଠର ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଓ ଅଭିଭାବକ ଉପସ୍ଥିତ ଥିଲେ । ଆସନ୍ତା ଶୁକ୍ରବାର ଉଦଯାପନୀ ଉତ୍ସବ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି । ବିଦ୍ୟାଳୟର ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀ ସହଯୋଗ କରିଥିଲେ ।

---

## ସାଲେପୁର ବିଦ୍ୟାଳୟର କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

ସାଲେପୁର,୧୭ ।୧୨(ସମିସ): ପିଏମ୍‌ଶ୍ରୀ ସାଲେପୁର ହାଇସ୍କୁଲର ୨ଦିନ ଧରି ଅନୁଷ୍ଠିତ ହୋଇଥିବା ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି । ସାଲେପୁର ମଣ୍ଡଳ ଶିକ୍ଷାଧିକାରୀ ଲକ୍ଷେହୀରା ଲାବଣ୍ୟବତୀ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବାର୍ଷିକ କ୍ରୀଡ଼ା ଉତ୍ସବର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ରୂପେ ଆୟକର ବିଭାଗର ଅବସରପ୍ରାପ୍ତ କମିଶନର ମନୋରଞ୍ଜନ ପାଣିଗ୍ରାହୀ ଛାତ୍ରଛାତ୍ରୀମାନେ ଶିକ୍ଷାଲାଭ କରିବା ସହ ଖେଳ ପ୍ରତି ମଧ୍ୟ ଗୁରୁତ୍ୱ




ଦେଲେ ଶାରୀରିକ ଓ ମାନସିକ ବିକାଶ ହୋଇପାରିବ ବୋଲି କହିଥିଲେ । ସମ୍ମାନିତ ଅତିଥି ରୂପେ ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରୀ ସଂଯୁକ୍ତା ମହାପାତ୍ର, ମାହାଙ୍ଗା ମଣ୍ଡଳ ଶିକ୍ଷାଧିକାରୀ ମୋନାଲିସା ସରକାର, ସାଲେପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲୋପାମୁଦ୍ରା ନାୟକ ଯୋଗଦେଇଥିଲେ । ଏହି ଅବସରରେ କଳିଙ୍ଗ ଏକାଡେମୀର ଅବସରପ୍ରାପ୍ତ କ୍ରୀଡ଼ା ପ୍ରଶିକ୍ଷକ ଶ୍ରୀଚରଣ ପରିଡ଼ା, ବିଷ୍ଣୁପ୍ରିୟା ଦାଶ, ଲଲିନ୍ ଜେନାଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଦୁଇଦିନ ଧରି ଅନୁଷ୍ଠିତ ଏହି କ୍ରୀଡ଼ା ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ଟ୍ରଫି ଓ ମାନପତ୍ର ଦେଇ ସମ୍ମାନିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ସାଲେପୁର ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଶ୍ରୀକାନ୍ତ ପରିଡ଼ାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉତ୍ସବରେ କ୍ରୀଡ଼ା ଶିକ୍ଷକ ସାନନ୍ଦ ଭୋଇ, ନିବେଦିତା ଖଣ୍ଡୁଆଳ, ନିଶିଗନ୍ଧା ପ୍ରିୟଦର୍ଶିନୀ, ଦିବ୍ୟରଞ୍ଜନ ସେଠୀ, ଜ୍ଞାନରଞ୍ଜନ ସ୍ୱାଇଁ, ସୁଶ୍ରୀ ଦାଶ, ଶ୍ୱେତାଲିନ୍ ନନ୍ଦ, ବନଶ୍ରୀ ସେଠୀ, ଆରତୀ ଆଚାର୍ଯ୍ୟ, ବାସନ୍ତୀ ଦାସ, ପ୍ରିୟଙ୍କା ପ୍ରିୟଦର୍ଶିନୀ, କଲ୍ୟାଣୀ ଯାଦବ, ପ୍ରଦୀପ୍ତ କବି, ବିଚିତ୍ର ଷଡ଼ଙ୍ଗୀ, କୈଳାସ ସାମଲ ସହଯୋଗ କରିଥିଲେ ।

## 'ସ୍ୱରରେ ସ୍ୱରରେ ହ୍ୟୁମାନ୍ ସାଗର' କାର୍ଯ୍ୟକ୍ରମ

ସାଲେପୁର,୧୭ ।୧୨(ସମିସ)

ସନ୍ଧ୍ୟାରେ ସାଲେପୁର କଳାକାର ଏକତା ମଞ୍ଚ ପକ୍ଷରୁ ସ୍ୱରରେ ସ୍ୱରରେ ହ୍ୟୁମାନ୍ ସାଗର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସାଲେପୁର ଅଞ୍ଚଳର ବହୁ କଳାକାର ହ୍ୟୁମାନ୍ ସାଗରଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ରୋଧପୁର ଶାରଳା ମଣ୍ଡପଠାରୁ ଏକ କ୍ୟାଣ୍ଡେଲ ଶୋଭାଯାତ୍ରାରେ ବାହାରି ସାଲେପୁର ବଜାର ପରିକ୍ରମା କରି ସାଲେପୁର ହାଇସ୍କୁଲ ଖେଳପଡ଼ିଆଠାରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ପହଞ୍ଚିଥିଲେ । ଓଡ଼ିଶାର ବହୁ ସୁନାମଧନ୍ୟ କଳାକାର, ସଂଗୀତ ନିର୍ଦ୍ଦେଶକମାନେ ଯୋଗଦେଇ ହ୍ୟୁମାନ୍ ସାଗରଙ୍କ ସ୍ମୃତିଚାରଣ କରିବା ସହ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହି ଅବସରରେ ହ୍ୟୁମାନ୍ ସାଗର ଗାଇଥିବା ବିଭିନ୍ନ ସଂଗୀତକୁ ଉପସ୍ଥିତ କଳାକାରମାନେ ଗାନ କରି ହ୍ୟୁମାନ୍‌ଙ୍କୁ ମନେ ପକାଇଥିଲେ । ବିଶେଷ କରି ମା' ତୋ ବିନା ମୁଁ ରହିପାରିବି ନାହିଁ ଗୀତଟି ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ତାଙ୍କ ସ୍ମୃତିରେ କଳାକାରମାନେ ଗାନ କରିଥିଲେ । ଏଥିରେ ଓଡ଼ିଶାର ସଂଗୀତ ନିର୍ଦ୍ଦେଶକ ପ୍ରେମ୍ ଆନନ୍ଦ, କୃଷ୍ଣଚନ୍ଦ୍ର, ଜେ.ଏନ୍. ପଦ୍ମ, ଅନ୍ତରା ଚକ୍ରବର୍ତ୍ତୀ, ଏସ୍.ଜିତୁ, ଅଭିନ୍ନ ସୁନ୍ଦର, ତ୍ରିଷା,



**ଯୋଗଦେଲେ ଓଡ଼ିଶାର ବହୁ ନାମୀଦାମୀ କଳାକାର**

ଅଭିନେତା ମିଟୁ ମିଥୁନ୍, କଳାକାର ଲୁବୁନ୍ ଟୁବୁନ୍, ରାଜ ରକ୍, ବାବୁ ବାବୁ, ରୁଦ୍ରପ୍ରସାଦ ନାୟକ ପ୍ରମୁଖ ଯୋଗଦେଇ ଓଡ଼ିଶାର ଖ୍ୟାତନାମା କଣ୍ଠଶିଳ୍ପୀ ହ୍ୟୁମାନ୍ ସାଗରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଓଡ଼ିଶା ମାଟି ଏଭଳି ଆଉ କଣ୍ଠଶିଳ୍ପୀ ପାଇବା କଷ୍ଟକର ବୋଲି ପ୍ରକାଶ କରିଥିଲେ । ସମରେନ୍ଦ୍ର ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଦେବୀଦତ୍ତ ସାହୁ, ଏଲ୍.ବି. ଅଭିଷେକ, ଆନନ୍ଦ ସାଗର ରାଉତରାୟ, ସୁଶ୍ରୀ ସଂଗୀତା, ଅନ୍ୱେଷା ପରିଡ଼ା, ସୋନାଲିସା ବାରିକ, ଦୀପ୍ତିରେଖା ସ୍ୱାଇଁ, ଦୀପ୍ତିରଞ୍ଜନ ପୃଷ୍ଟି, ମାନସ ରଞ୍ଜନ ନାୟକଙ୍କ ସମେତ ସାଲେପୁର କଳାକାର ଏକତା ମଞ୍ଚର ସମସ୍ତ ସଦସ୍ୟ ଓ କର୍ମକର୍ତ୍ତା ପରିଚାଳନା କରିଥିଲେ ।

ସକାଳ THE SAKALA



# ଜଣ୍ଡିସରେ ଛାତ୍ରୀଙ୍କ ମୃତ୍ୟୁ; ଟାଙ୍ଗୀରେ ଉତ୍ତେଜନା

ଟାଙ୍ଗୀ,୧୭।୧୨(ସମିସ):



ଟାଙ୍ଗୀ-ଚୌଦ୍ୱାର ବ୍ଲକ ମୁଖ୍ୟାଳୟ କୋଟସାହି ପଞ୍ଚାୟତ ଟାଙ୍ଗୀ ଅଞ୍ଚଳରେ ଜଣ୍ଡିସ (କାମଳ ରୋଗ) କାୟା ବିସ୍ତାର କରିବାରେ ଲାଗିଛି। ବୁଧବାର ଭୋରୁ ଜଣ୍ଡିସ୍ ଆକ୍ରାନ୍ତରେ ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରୀର ମୃତ୍ୟୁ ଘଟିଛି। ମୃତ ଛାତ୍ରୀଜଣକ କୈବର୍ତ୍ତ ସାହିର ଶିବେନ୍ଦ୍ର ବେହେରାଙ୍କ ୧୧ ବର୍ଷୀୟା କନ୍ୟା ସସ୍ମିତା। ସସ୍ମିତା ପ୍ରାୟ ୧ ମାସ ହେଲା ଜଣ୍ଡିସ୍‌ରେ ଆକ୍ରାନ୍ତ ହୋଇ ପ୍ରଥମେ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିଲେ। ସାମାନ୍ୟ ସୁସ୍ଥ ପରେ ପୁନଶ୍ଚ ଜ୍ୱର ହେବାରୁ ପରିବାର ଲୋକେ ସ୍ଥାନୀୟ ପଦ୍ମିନୀ କେୟାର ଓ ପରେ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରିଥିଲେ। ଶେଷରେ ଚିକିତ୍ସା କରୁଥିବା ଡାକ୍ତରଙ୍କ ଚେଷ୍ଟା ବିଫଳ ହୋଇଥିଲା। ଉକ୍ତ ଘଟଣା ଯୋଗୁଁ ଶୋକାକୁଳ ପରିବେଶ ସହ ଟାଙ୍ଗୀ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ପାନୀୟଜଳ ସମସ୍ୟା ଯୋଗୁଁ ଜଣ୍ଡିସ କାୟା ବିସ୍ତାର କରିବା ଓ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀଙ୍କ ବେପରୁଆ ମନୋଭାବ ପରିସ୍ଥିତି ନିମନ୍ତେ ଦାୟୀ ବୋଲି ଲୋକେ ଅଭିଯୋଗ କରିଥିଲେ। ସାମାଜିକ କର୍ମୀ ଆକାଶ ପାତ୍ରଙ୍କ ସୂଚନା ଆଧାରରେ ବିଡିଓ ଏନ୍.ରାଜଲକ୍ଷ୍ମୀ ଓଝା, ଅତିରିକ୍ତ ବିଡିଓ ଶାଶ୍ୱତ କୁମାର ଜେନା ଓ ବ୍ଲକ ସ୍ୱାସ୍ଥ୍ୟ ଅଧିକାରୀ ଡା. ଜ୍ୟୋତିପ୍ରକାଶ ସାହୁ ପ୍ରମୁଖ ମୃତା ସସ୍ମିତାଙ୍କ ପରିବାରକୁ ଭେଟି ସମବେଦନା ଜ୍ଞାପନ କରିଥିଲେ। ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ପ୍ରଦାନ ପୂର୍ବକ ପାନୀୟ ଜଳ ବ୍ୟବସ୍ଥା ସୁଧାର ନିମନ୍ତେ ପଦକ୍ଷେପ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ।

## ତଦନ୍ତ ସାରି ଫେରିଲେ ଏନ୍‌ଜିଟି ଦଳ



କଣ୍ଟାପଡ଼ା,୧୭।୧୨(ସମିସ): ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଆଜି ଜାତୀୟ ସବୁଜ ପ୍ରାଧିକରଣ (ଏନ୍‌ଜିଟି)ଙ୍କର ଏକ ଦଳ କଣ୍ଟାପଡ଼ା ତହସିଲ୍ ଦେଇ ପ୍ରବାହିତ କନ୍ଦଳ ନଦୀର ବିଭିନ୍ନ ବାଲିଘାଟକୁ ଯାଇ ତଦନ୍ତ କରି ଫେରିଯାଇଛନ୍ତି। ବିଭିନ୍ନ ବାଲିଘାଟ ଉପରେ ଏକାଧିକ ଅଭିଯୋଗ ଓ ସ୍ଥାନୀୟ ବାସିନ୍ଦାଙ୍କ ଅସୁବିଧାକୁ ନେଇ ବିଭିନ୍ନ ସମୟରେ ଏକାଧିକ ଅଭିଯୋଗକୁ ଭିତ୍ତିକରି ଏହି ତଦନ୍ତ କରାଯାଇଥିଲା। ଏନେଇ ବିଭିନ୍ନ ଗଣମାଧ୍ୟମରେ ପୂର୍ବରୁ ଏକାଧିକବାର ଖବର ପ୍ରକାଶ ପାଇଥିଲେ ମଧ୍ୟ ପ୍ରଶାସନ ସବୁ ଜାଣି ସବୁ ଦେଖି ଅନ୍ୟ କାରଣରୁ ଚୁପ ରହିଥିଲା।

## ବେଆଇନ ବାଲି ଚାଲାଣ; ଟ୍ରାକ୍ଟର ଜବତ



ତ୍ରିଶୂଳିଆ,୧୭ ।୧୨(ସମିସ): କୁଆଖାଇ ନଦୀରୁ ବେଆଇନ ଭାବେ ବାଲି ଚାଲାଣ ହେଉଥିବା ବେଳେ ବାରଙ୍ଗ ଥାନା ପୁଲିସ ଚଢ଼ଉ କରି ଗୋଟିଏ ବୋଲି ବୋଝେଇ ଟ୍ରାକ୍ଟରକୁ ଜବତ କରିଛି। କିନ୍ତୁ କୌଶଳକ୍ରମେ ଟ୍ରାକ୍ଟର ଚାଳକ ଘଟଣାସ୍ଥଳରୁ ଚମ୍ପଟ ମାରିଛି। ବୁଧବାର ସକାଳ ସମୟରେ ବାରଙ୍ଗ ତହସିଲ ଅନ୍ତର୍ଗତ ବେଲଗଛିଆ ଗ୍ରାମ ନିକଟସ୍ଥ କୁଆଖାଇ ନଦୀରୁ କିଛି ବାଲି ମାଫିଆ ବେଆଇନ ଭାବେ ବାଲି ଉତ୍ତୋଳନ କରୁଥିବାର ସ୍ଥାନୀୟ ଲୋକ ପୁଲିସକୁ ଖବର ଦେଇଥିଲେ। ପୁଲିସ ସଦଳବଳେ ଯାଇ ଚଢ଼ଉ ଆରମ୍ଭ କରିଥିଲା। ପୁଲିସ ଚଢ଼ଉ ବେଳେ ଅନ୍ୟ ଟ୍ରାକ୍ଟର ସବୁ ପଳାଇ ଯାଇଥିବା ବେଳେ ଓଆର ୦୫ ଏଏସ ୩୮ ୯୦ ନମ୍ବର ଟ୍ରାକ୍ଟରଟି ନଦୀରୁ ଚୋରା ବାଲି ନେଇ ନଦୀ ବନ୍ଧକୁ ଆସୁଥିବା ବେଳେ ପୁଲିସ ଅଟକାଇଥିଲା। ପୁଲିସକୁ ଦେଖି ଟ୍ରାକ୍ଟର ଛାଡି ଚାଳକ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲା। ପୁଲିସ ଘଟଣାସ୍ଥଳରୁ ବାଲି ବୋଝେଇ ଟ୍ରାକ୍ଟରକୁ ଜବତ କରି ଥାନାକୁ ଆଣିବା ସହ ତଦନ୍ତ ଆରମ୍ଭ କରିଛି। ବାରଙ୍ଗ ଅଞ୍ଚଳରୁ ଏତେ ସବୁ ଲଘୁଖଣିଜ ସମ୍ପଦ ପ୍ରତ୍ୟେକ ଦିନ ଚୋରି ହେଉଥିବା ସତ୍ତ୍ୱେ କିଭଳି ଲଘୁ ଖଣିଜ ବିଭାଗ ଏବଂ ବାରଙ୍ଗ ଥାନା ପୁଲିସ ଜାଣି ପାରୁନାହାନ୍ତି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। କିଛି ସ୍ଥାନୀୟ ଲୋକମାନେ ମୋରମ ବାଲି ମାଫିଆଙ୍କୁ ଖାତିରି ନ କରି ନିଜ ଜୀବନକୁ ବାଜି ଲଗାଇ ସୂଚନା ପ୍ରଦାନ କରିବାରୁ ବାଧ ବାଧକତାରେ ସ୍ଥାନୀୟ ପୁଲିସ ଲୋକଦେଖାଣିଆ କିଛି ଗାଡ଼ି ଜବତ କରିଛି।

## କୋର୍ଟର ଆଦେଶକୁ ଅବମାନନା କରିବାରୁ ପଳାତକ ଘୋଷଣା

ସାଲେପୁର,୧୭ ।୧୨(ସମିସ): ନିଜ ସ୍ତ୍ରୀକୁ ଭରଣପୋଷଣ ନ ଦେବା ଓ କୋର୍ଟର ଆଦେଶକୁ ଅବମାନନା କରୁଥିବାରୁ ମାନ୍ୟବର ପରିବାର ଅଦାଲତ ସାଲେପୁର ଥାନା ଅନ୍ତର୍ଗତ ତିଳିଦା ଗ୍ରାମର ଅର୍ସଦ ଅଲି ଖାଁଙ୍କ ପୁତ୍ର ରେହେମତ ଅଲି ଖାଁଙ୍କୁ ପଳାତକ ଘୋଷଣା କରିଛନ୍ତି। ଏ ସଂପର୍କରେ ସାଲେପୁର ପୁଲିସ ପକ୍ଷରୁ ଡେଙ୍ଗୁରା ମାଧ୍ୟମରେ ଅବଗତ କରାଯାଇଛି। ଯଦି ସଂପୃକ୍ତ ବ୍ୟକ୍ତି ଚଳିତ ମାସ ୧୬ ତାରିଖଠାରୁ ୧ମାସ ମଧ୍ୟରେ କୋର୍ଟରେ ପହଞ୍ଚି ତାଙ୍କ ପତ୍ନୀର ଭରଣ ପୋଷଣ ବାବଦ ୨ ଲକ୍ଷ ୬୦ ହଜାର ଟଙ୍କା ପ୍ରଦାନ ନ କରନ୍ତି, ତେବେ ତାଙ୍କର ସମସ୍ତ ସ୍ଥାବର ଅସ୍ଥାବର ସମ୍ପତ୍ତିକୁ ବାଜ୍ୟାପ୍ତି କରାଯିବ ବୋଲି କୋର୍ଟ ନିର୍ଦ୍ଦେଶ ଦେଇଥିବା ସାଲେପୁର ଆଇଆଇସି ଅନିତା ସାହୁ ପ୍ରକାଶ କରିଛନ୍ତି। ପ୍ରକାଶ ଯେ ରେହେମତ ଅଲୀ ଖାଁ ଓ ତାଙ୍କ ପତ୍ନୀଙ୍କ ମଧ୍ୟରେ ଛାଡ଼ପତ୍ର ହେବା ପରେ ପତ୍ନୀର ଭରଣ ପୋଷଣ ବାବଦକୁ ଉପରୋକ୍ତ ଅର୍ଥ ପ୍ରଦାନ ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଥିବାବେଳେ ରେହେମତ ଅଲ୍ଲି ଖାଁ କୋର୍ଟରେ ହାଜର ନ ହୋଇ କୋର୍ଟର ଆଦେଶକୁ ଅବମାନନା କରୁଥିବାରୁ କୋର୍ଟ ତାଙ୍କୁ ପଳାତକ ଘୋଷଣା କରିଛି।

## ଓଡ଼ିଶାର ପ୍ରଥମ ରାଜବନ୍ଦୀ ରାଜକୃଷ୍ଣ ବୋଷଙ୍କ ଜୟନ୍ତୀ




କିଶନନଗର,୧୭।୧୨(ସମିସ): କଟକ ସଦର ଅଞ୍ଚଳରେ ଓଡ଼ିଶାର ପ୍ରଥମ ରାଜବନ୍ଦୀ, ପୂର୍ବତନ ମନ୍ତ୍ରୀ ତଥା କିଶନନଗର ମାଟିର ବରପୁତ୍ର ସ୍ୱର୍ଗତ ରାଜକୃଷ୍ଣ ବୋଷଙ୍କ ୧୨୫ତମ ଜୟନ୍ତୀ ଉତ୍ସବ ଆଜି ବୁଧବାର ଦିନ କିଶନନଗର ଠାରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜୟନ୍ତୀ ସମାରୋହ କମିଟିର ସଂପାଦକ ଡ଼ଃ କିଶୋର ଚନ୍ଦ୍ର ଦାସଙ୍କ ପୌରହିତ୍ୟରେ ଏବଂ ରଘୁନାଥ ଚୌଧୁରୀଙ୍କ ସଂଯୋଜନାରେ ଆୟୋଜିତ ଜୟନ୍ତୀ ସଭାରେ ଓଡ଼ିଶାର ଉଚ୍ଚଶିକ୍ଷା, କ୍ରୀଡ଼ା ଯୁବ ବ୍ୟାପାର, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବଡମ୍ବା ବିଧାୟକ ବିଜୟକୁମାର ଦଳବେହେରା, କିଶନନଗର ମାଟିର ପୁଅ ତଥା କଟକ ସଦର ବିଧାୟକ ଇଂ ପ୍ରକାଶ ସେଠୀ, ବରିଷ୍ଠ ଆଇନଜୀବୀ ଜ୍ଞାନଗୁରୁ ଦାସ, ବରିଷ୍ଠ ବିଜେପି ନେତା ଲଲାଟେନ୍ଦୁ ବଡୁ, କିଶନନଗର ସରପଞ୍ଚ ସୁଜାତା ସେଠୀ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ରାଜକୃଷ୍ଣଙ୍କ ରାଜ୍ୟ ତଥା କିଶନନଗରର ବିଭିନ୍ନ ପ୍ରକାରର ବିକାଶ ସମ୍ପର୍କରେ ଆଲୋକପାତ କରିବା ସହିତ ବିଶିଷ୍ଟ ବ୍ୟକ୍ତି ବିଶେଷ ଓ ବୋର୍ଡ ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ କିଶନନଗର ମାଟିର ଅନ୍ୟତମ ତିନି ବରପୁତ୍ର ରାଜକୃଷ୍ଣ ବୋଷ, କଟକ ବାରବାଟି ଷ୍ଟାଡିୟମର ପ୍ରତିଷ୍ଠାତା ଭୈରବଚନ୍ଦ୍ର ମହାନ୍ତି ଓ ସ୍ୱାଧୀନତା ସଂଗ୍ରାମୀ, ଜ୍ଞାନ ମଣ୍ଡଳର ପ୍ରତିଷ୍ଠାତା ପଦ୍ମଶ୍ରୀ ବିନୋଦ କାନୁନଗୋଙ୍କ ପ୍ରତିମୂର୍ତ୍ତିକୁ କିଶନନଗର ଥାନା ଗଡା ନିକଟରେ ମନ୍ତ୍ରୀ ଉନ୍ମୋଚନ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ବିଜେପି ନେତା ହୃଷିକେଶ ଜେନା, ରମା ପ୍ରସାଦ ବିଶ୍ୱାଳ, ସାଧୁ ଜେନା, ତ୍ରୈଲୋକ୍ୟ ନାଥ ଗୁଇଁ, ଇଂ ପ୍ରଭାତ ସେଠୀ, କ୍ଷିତେନ୍ଦ୍ର ମିତ୍ର, ସ୍ଥାନୀୟ ମଣ୍ଡଳ ସଭାପତି ଚିତ୍ତରଞ୍ଜନ ସାହୁ, କାର୍ତ୍ତିକ ସାହୁ ପ୍ରମୁଖ ଯୋଗଦେଇ ସମାରୋହକୁ ପରିଚାଳନାରେ ସହାୟତା କରିଥିଲେ।

## ବିଧାୟକଙ୍କ ଭତ୍ତା ବୃଦ୍ଧିକୁ ସିପିଆଇର ଦୃଢ଼ ବିରୋଧ | ବିଲ୍ ଫେରାଇଦେବାକୁ ରାଜ୍ୟପାଳଙ୍କୁ ଅନୁରୋଧ

କଟକ,୧୭।୧୨(ସମିସ): ବିଧାନସଭାର ଶୀତକାଳୀନ ଅଧିବେଶନ ଚାଲିଥିବା ସମୟରେ ଜନସାଧାରଣଙ୍କ ଅଗୋଚରରେ ବିଧାୟକମାନଙ୍କ ଭତ୍ତା ଲକ୍ଷାଧିକ ଟଙ୍କା ବୃଦ୍ଧି କରାଯିବାକୁ ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ) ତୀବ୍ର ନିନ୍ଦା କରିଛି। ସିପିଆଇ କଟକ ଜିଲ୍ଲା କମିଟି ପକ୍ଷରୁ ଏକ ପ୍ରେସ ବିବୃତ୍ତି ଜରିଆରେ କୁହାଯାଇଛି ଯେ ନୀତି ଓ ନୈତିକତାକୁ ଜଳାଞ୍ଜଳି ଦେଇ ଏଭଳି ଏକପାଖିଆ ଭାବେ ଭତ୍ତା ବୃଦ୍ଧି କରିବା ସମ୍ପୂର୍ଣ୍ଣ ଅଗ୍ରହଣୀୟ। ଯେଉଁ ସମୟରେ ଆଶାକର୍ମୀ, ପାଚିକା ଓ ଶିକ୍ଷକମାନେ ନିଜର ନ୍ୟାଯ୍ୟ ଦାବି ପାଇଁ ଶୀତ କାକରରେ ଗଣଧାରଣା ଦେଉଛନ୍ତି ଏବଂ ଶ୍ରମିକମାନଙ୍କୁ ସର୍ବନିମ୍ନ ମଜୁରୀ ବା ପେନସନ ମିଳୁନାହିଁ, ସେଭଳି ସ୍ଥିତିରେ ବିଧାୟକମାନେ ନିଜର ଭତ୍ତା ବୃଦ୍ଧି କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଦରଦାମ ବୃଦ୍ଧିର ଆଳ ଦେଖାଇ ରାଜନୈତିକ ଦଳଗୁଡ଼ିକର ବିଧାୟକମାନେ ଏହି ସୁବିଧା ହାସଲ କରିବା ସାଧାରଣ ଜନତାଙ୍କୁ ଆଶ୍ଚର୍ଯ୍ୟ କରିଛି। ସିପିଆଇ ନେତାମାନେ ଦାବି କରିଛନ୍ତି ଯେ, ସରକାର ନିର୍ବାଚନ ସମୟରେ ଦେଇଥିବା ପ୍ରତିଶ୍ରୁତି ଅନୁଯାୟୀ ତୁରନ୍ତ ୩୦୦ ୟୁନିଟ୍ ବିଦ୍ୟୁତ ଛାଡ଼, ମାସିକ ସର୍ବନିମ୍ନ ମଜୁରୀ ୨୬ ହଜାର ଟଙ୍କା, ଇପିଏଫ ପେନସନ ୯ ହଜାର ଟଙ୍କାକୁ ବୃଦ୍ଧି ଏବଂ ମନରେଗା ଶ୍ରମିକଙ୍କ ମଜୁରୀ ୮୦୦ ଟଙ୍କାକୁ ବୃଦ୍ଧି କରିବା ଦିଗରେ ପଦକ୍ଷେପ ନିଅନ୍ତୁ। ଏଥିସହ କଳାଟଙ୍କା ଫେରାଇ ଆଣିବା ଏବଂ ବେକାର ଯୁବକଯୁବତୀଙ୍କୁ ନିଯୁକ୍ତି ଦେବା ଭଳି ଜନହିତକର କାର୍ଯ୍ୟକୁ ପ୍ରାଥମିକତା ଦେବାକୁ ସିପିଆଇ ଜିଲ୍ଲା ସମ୍ପାଦକ ବିନୋଦ ବେହେରା ଓ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅମରେନ୍ଦୁ ମହାନ୍ତିଙ୍କ ସମେତ ଅନ୍ୟ କର୍ମକର୍ତ୍ତାମାନେ ଦାବି କରିଛନ୍ତି। ଏହି ପରିପ୍ରେକ୍ଷୀରେ ବିଧାୟକଙ୍କ ଭତ୍ତା ବୃଦ୍ଧି ବିଲ୍‌କୁ ରାଜ୍ୟପାଳ ଅନୁମୋଦନ ନ କରି ବିଧାନସଭାକୁ ଫେରାଇ ଦେବାକୁ ପାର୍ଟି ପକ୍ଷରୁ ଅନୁରୋଧ କରାଯାଇଛି।

## ସାଲେପୁରରେ ଗ୍ରାମୀଣ ମହୋତ୍ସବ

ସାଲେପୁର,୧୭ ।୧୨(ସମିସ): ସାଲେପୁରଠାରେ ସ୍କାଏ ଅଟୋମୋବାଇଲ୍ ଓ ମାରୁତି ସୁଜୁକି କମ୍ପାନୀ ପକ୍ଷରୁ ୩ଦିନ ବ୍ୟାପୀ ସାଲେପୁର ହାଇସ୍କୁଲ ପଡ଼ିଆଠାରେ ଗ୍ରାମୀଣ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ମୁଖ୍ୟଅତିଥି ଭାବେ ମାରୁତି କମ୍ପାନୀର ନୂତନ ଭାବେ ପ୍ରସ୍ତୁତ ହୋଇଥିବା ଭିକ୍ଟୋରିସ୍ ଗାଡ଼ିକୁ ଲୋକାର୍ପଣ କରିଥିଲେ। ଏହି ଅବସରରେ ମାରୁତି କମ୍ପାନୀର ନୂତନ ଜ୍ଞାନକୌଶଳରେ ପ୍ରସ୍ତୁତ ହୋଇଥିବା ପ୍ରାୟ ୨୦ରୁ ଅଧିକ ଗାଡ଼ି ପ୍ରଦର୍ଶିତ ହୋଇଥିଲା। ଏହି ଗ୍ରାମୀଣ ମହୋତ୍ସବରେ ଆଖପାଖ ଅଞ୍ଚଳର ଶତାଧିକ ଲୋକ ଯୋଗଦେଇଥିଲେ। ୩ଦିନ ଧରି ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ସ୍କାଏ ଅଟୋମୋବାଇଲ୍ କମ୍ପାନୀର ପରିଚାଳକ ରାଜେଶ ମହାନ୍ତି ଓ ଅଶୋକ ସାହୁ ପରିଚାଳନା କରିଥିଲେ।



### ବଙ୍ଗକୁଦ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

## ବରିମୁଣ୍ଡକୁ ହରାଇ ପଟିଆଗଡ଼ ଚାମ୍ପିଅନ



ଫୁଲନଖରା,୧୭।୧୨(ସମିସ): କଟକ ମହାନଗର ନିଗମ ୫୯ ନଂ ୱାର୍ଡ ଅନ୍ତର୍ଗତ ବଙ୍ଗକୁଦ କ୍ରିକେଟ କ୍ଲବ୍ ଦ୍ୱାରା ୭ ଦିନ ଧରି ଚାଲିଥିବା ରଶ୍ମି ସନ୍ଦୀପ ଆଶିଷ ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ବିଭିନ୍ନ ଜିଲ୍ଲାରୁ ୧୬ଟି ଦଳ ଭାଗ ନେଇଥିଲେ। ଚୂଡ଼ାନ୍ତ ପର୍ଯ୍ୟାୟରେ ବରିମୁଣ୍ଡ କ୍ରିକେଟ୍ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୩ ଓଭରରେ ୧୪୭ ରନ୍ ସଂଗ୍ରହ କରିଥିଲା। ଜବାବରେ ପଟିଆଗଡ କ୍ରିକେଟ୍ ଦଳ ୪ ୱିକେଟ୍ ହରାଇ ନିର୍ଦ୍ଧାରିତ ଓଭରରେ ୧୪୮ ରନ୍ କରି ଉକ୍ତ ଟୁର୍ଣ୍ଣାମେଣ୍ଟର ବିଜୟୀ ହୋଇଥିଲା। ମ୍ୟାଚ୍‌ରେ ପଟିଆଗଡ ଦଳର ଅନନ୍ତ ନାୟକ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ହୋଇଥିବା ବେଳେ ବରିମୁଣ୍ଡ ଦଳର ତୁଷାର ପ୍ରଧାନ ବେଷ୍ଟ ବୋଲର, ବରିମୁଣ୍ଡ ଦଳର ବିକାଶ ପ୍ରଧାନ ବେଷ୍ଟ ବ୍ୟାଟ୍ସମ୍ୟାନ ଓ ମ୍ୟାନ୍ ଅଫ୍ ଦି ସିରିଜ୍ ଟ୍ରଫି ଗ୍ରହଣ କରିଥିଲେ। ସାମ୍ବାଦିକ କାନନ ବିହାରୀ ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ କର୍ପୋରେଟର, ସମ୍ମାନିତ ଅତିଥି ଭାବରେ ଏଡିସିପି ରଣଜିତ୍ ପୃଷ୍ଟି, ପୂର୍ବତନ କର୍ପୋରେଟର ପ୍ରମୋଦ ମହାପାତ୍ର, କ୍ରୀଡାବିତ୍ ସ୍ୱାଧୀନଚେତା ମହାନ୍ତି ପ୍ରମୁଖ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ସହ ୧୮ ହଜାର ଓ ୧୪ହଜାର ଟଙ୍କା ଅର୍ଥରାଶି ପ୍ରଦାନ କରିଥିଲେ। ଟୁନା ଜେନାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଟୁର୍ଣ୍ଣାମେଣ୍ଟକୁ ତୃପ୍ତିରଞ୍ଜନ ଜେନା, ସୂର୍ଯ୍ୟକାନ୍ତ ଜେନା, ଚିନ୍ମୟ ଜେନା, ସୌମ୍ୟରଞ୍ଜନ ଜେନା, ସ୍ୱାଧୀନ ସାହୁ, ସନ୍ତୋଷ ପ୍ରଧାନ, ସୌଭାଗ୍ୟ ଦାସ, ସୌମ୍ୟଜିତ୍ ଜେନା, ପ୍ରକାଶ ଜେନା, ପ୍ରଦୀପ ଜେନା, ପ୍ରତ୍ୟୁଷ ଜେନା, ସ୍ମୃତିରଞ୍ଜନ ଜେନା, ପ୍ରିୟବ୍ରତ ଜେନା, ରାଜୁ ସା, ଆଫ୍ରେଜ୍ ଖାଁ ଓ ଚନ୍ଦନ ଜେନା ପ୍ରମୁଖ ସହଯୋଗ କରିଥିଲେ। ଚୂଡ଼ାନ୍ତ ପର୍ଯ୍ୟାୟ ଖେଳକୁ ଡ୍ୟାନ୍‌ସିଂ ଅମ୍ପାୟାର ପିଣ୍ଟୁ, କାଜୁଲ ଓ ଘୋଷକ ରାଜେନ୍ଦ୍ର ବେହେରା ପରିଚାଳନା କରିଥିଲେ।

## କୁଜିବର ଗଣ୍ଡଗୋଳ; ଅନ୍ୟ ୨ ଅଭିଯୁକ୍ତଙ୍କୁ ଗିରଫ ଦାବି

ଚୌଦ୍ୱାର,୧୭।୧୨(ସମିସ): କଟକ ଜିଲ୍ଲା ଟାଙ୍ଗୀ-ଚୌଦ୍ୱାର ବ୍ଲକ କୁଜିବର ଗ୍ରାମରେ ୨ପରିବାର ମଧ୍ୟରେ ଗଣ୍ଡଗୋଳ ଘଟଣାରେ ଚୌଦ୍ୱାର ପୁଲିସ ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ତେବେ ଏହି ଘଟଣାରେ ଗୋଟିଏ ପରିବାରର ଅନ୍ୟ ୨ଜଣଙ୍କୁ ଏଯାବତ୍ ପୁଲିସ ଗିରଫ କରୁ ନ ଥିବା ଓ ସେମାନେ ଖୁଲମଖୁଲା ଗ୍ରାମରେ ବୁଲି ଅପରପକ୍ଷ ପରିବାରକୁ ଧମକଚମକ ଦେଉଥିବା ଓ ତୁରନ୍ତ ଉକ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ଗ୍ରାମରେ ଏକ ଖବରଦାତା ସମ୍ମିଳନୀ ବୁଧବାର ଅନୁଷ୍ଠିତ ହୋଇଯାଇଛି। କୌଣସି କାରଣକୁ ନେଇ ଗ୍ରାମର ନାରାୟଣ ବେହେରା ଓ ସିପୁନ ସେଠୀଙ୍କ ପରିବାର ମଧ୍ୟରେ ଗଣ୍ଡଗୋଳ ଘଟିଥିଲା। ଏଥିରେ ୪ଜଣ ଆହତ ହୋଇଥିଲେ। ଘଟଣାରେ ସିପୁନ୍ ଏକ କଟୁରିରେ ନାରାୟଣଙ୍କ ପୁଅ ତ୍ରିନାଥଙ୍କ ବାମ ହାତକୁ ହାଣିଦେଇଥିଲା। ଫଳରେ ସେ ବର୍ତ୍ତମାନ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ପୁଲିସ ଉଭୟ ପକ୍ଷର ଅଭିଯୋଗକୁ ଆଧାର କରି ପୃଥକ ଭାବେ ୨ଟି ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି। ପ୍ରଥମେ ସିପୁନ ସେଠୀକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ପରେ ବାବାଜି ସେଠୀକୁ ଗିରଫ କରି କୋର୍ଟ ଚାଲାଣ କରିଛି। ମୁଖ୍ୟ ଅଭିଯୁକ୍ତ କରୁଣାକର ସେଠୀ ଓ ଜୟଦେବ ସେଠୀଙ୍କୁ ପୁଲିସ କାହିଁକି ଗିରଫ କରୁନାହିଁ ବୋଲି ନାରାୟଣ ବେହେରା ଓ ଗ୍ରାମବାସୀ ଅଭିଯୋଗ କରିବା ସହିତ ବେହେରା ପରିବାରକୁ ନ୍ୟାୟ ନ ମିଳିଲେ ଚୌଦ୍ୱାର ଥାନା, ରାଜରାସ୍ତା ଘେରଉ କରାଯିବ ବୋଲି ଖବରଦାତା ସମ୍ମିଳନୀରେ ଗୀତାଞ୍ଜଳି ବେହେରା, ଲକ୍ଷ୍ମୀପ୍ରିୟା ବେହେରା, ରମେଶ ଚନ୍ଦ୍ର ବେହେରା, ଟିକିନା ଦାସ ପ୍ରମୁଖ ସୂଚନା ଦେଇଛନ୍ତି।

## ମୁଣ୍ଡଳୀ ବ୍ୟାରେଜରେ ଦୁର୍ଘଟଣା; ଯୁବକ ଗୁରୁତର

ତ୍ରିଶୂଳିଆ,୧୭।୧୨(ସମିସ): ବାରଙ୍ଗ ଥାନା ଅନ୍ତର୍ଗତ ମହାନଦୀ ମୁଣ୍ଡଳୀ ବ୍ୟାରେଜ ଉପରେ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି। ଦୁର୍ଘଟଣାରେ ବାଇକ୍ ଆରୋହୀ ଗୁରୁତର ହୋଇଥିବା ବେଳେ ଯୁବକଙ୍କ ପରିଚୟ ମିଳିନାହିଁ। ବୁଧବାର ସନ୍ଧ୍ୟା ସାଢେ ୬ଟା ସମୟରେ ମୁଣ୍ଡଳୀ ପଟୁ ଆଠଗଡ଼ ଅଭିମୁଖେ ଯାଉଥିବା ଓଡି ୦୫ ବିଏକ୍ସ ୭୬୫୬ ଏକ କାରକୁ ବିପରୀତ ଦିଗରୁ ଆସୁଥିବା ଓଡି ୩୪ ଏସ ୭୪୩୧ ଏକ ବାଇକ୍ ସହିତ ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ବାଇକଟି ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଚୁରମାର ହୋଇଯାଇଥିବା ବେଳେ ବାଇକ୍ ଚାଳକ ଗୁରୁତର ଅବସ୍ଥାରେ ଚେତାଶୂନ୍ୟ ହୋଇଯାଇଥିଲେ। ସ୍ଥାନୀୟ ଲୋକଙ୍କଠାରୁ ସୂଚନା ପାଇ ଗୋଡିସାହି ଫାଣ୍ଡି ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଆହତ ଯୁବକର ଚିକିତ୍ସା ପାଇଁ କଟକ ବଡ଼ ଡ଼ାକ୍ତରଖାନାକୁ ସ୍ଥାନାନ୍ତରିତ କରିଥିଲେ। ପରେ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଦୁଇଟିକୁ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି। ମୁଣ୍ଡଳୀ ବ୍ୟାରେଜ ଉପରେ ଏହି ଦୁର୍ଘଟଣା ଘଟିଥିବାରୁ ବ୍ରିଜ ଉପର ରାସ୍ତାରେ ଭିଡ଼ ଦେଖାଦେଇଥିଲା। ଫାଣ୍ଡି ପୁଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଦୁଇଟିକୁ ହଟାଇବା ପରେ ଟ୍ରାଫିକ ସ୍ୱାଭାବିକ ହୋଇଥିଲା।




## ପେସାଦାର ଅପରାଧୀ ଗିରଫ

ଚୌଦ୍ୱାର,୧୭।୧୨(ସମିସ): ବିଭିନ୍ନ ଘଟଣାରେ ସଂପୃକ୍ତ ଥିବା ଜଣେ ଅପରାଧୀକୁ ଚୌଦ୍ୱାର ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ଜଣକ ହେଲେ ଚୌଦ୍ୱାର ଥାନା ଗୋପାଳନଗର ଅଞ୍ଚଳର ସୁନୀଲ ରାଜହଂସ (୩୦)। ସୁନୀଲ ଚୋରି, ଲୁଟ, ରାହାଜାନି ଓ ଜମିଜମା ଆଦି ଠକେଇ ଘଟଣାରେ ସଂପୃକ୍ତ ଥିବା ବେଳେ ଆଠଗଡ ଥାନା ମେଘା ଗ୍ରାମର ମୀଥୁନ ସାହୁଙ୍କ ଏକ ଅଭିଯୋଗ ଉପରେ ପୁଲିସ ତାକୁ ଗିରଫ କରିଛି। ତା' ନାଁରେ ପୂର୍ବରୁ ଚୌଦ୍ୱାର ଥାନାରେ ୧୦ଟି ମାମଲା ରହିଥିବା ଆଇଆଇସି ଦୀପକ କୁମାର ଖଣ୍ଡାୟତରାୟ ସୂଚନା ଦେଇଛନ୍ତି।

## ସମାଜସେବୀ ରାଜକିଶୋର ମିଶ୍ରଙ୍କ ପରଲୋକ



କଣ୍ଟାପଡ଼ା,୧୭।୧୨(ସମିସ): ଗୋବିନ୍ଦପୁର ଥାନା ଡିମିରି ଗ୍ରାମର ଅବସରପ୍ରାପ୍ତ ବିଦ୍ୟୁତ୍ ବିଭାଗ କର୍ମଚାରୀ ରାଜକିଶୋର ମିଶ୍ରଙ୍କ କର୍କଟ ରୋଗରେ ଚିକିତ୍ସାଧୀନ ଅବସ୍ଥାରେ କଟକ ବଡ଼ ମେଡିକାଲରେ ପରଲୋକ ଘଟିଛି। ସ୍ୱର୍ଗତ ମିଶ୍ର ନିଜ କାର୍ଯ୍ୟକାଳ ସମୟରେ ଏବଂ ପରେ ନିଜର ଆମାୟିକ ବ୍ୟବହାର କାର୍ଯ୍ୟଦକ୍ଷତା ପାଇଁ ଅନ୍ୟ ସହକର୍ମୀଙ୍କ ପ୍ରିୟପାତ୍ର ଥିଲେ। ଅବସର ପରେ ଗ୍ରାମ୍ୟ ପଲ୍ଲୀ ମଙ୍ଗଳ ସମିତି ସଭାପତି ଓ ଦୋଳଗୋବିନ୍ଦ କମିଟିର ସଭାପତି ଭାବେ ବହୁ ଗୁରୁଦାୟିତ୍ୱ ନିଷ୍ଠାର ସହ ସମ୍ପନ୍ନ କରୁଥିଲେ। ତାଙ୍କ ବିୟୋଗରେ ଅଞ୍ଚଳବାସୀଙ୍କ ମଧ୍ୟରେ ଗଭୀର ଶୋକ ପ୍ରକାଶ ପାଇଛି। ମୃତ୍ୟୁଶଯ୍ୟା ନିକଟରେ ଦୁଇ ପୁଅ ଶିବପ୍ରସାଦ, ପ୍ରଭୁପ୍ରସାଦ, ୫ ଝିଅ ଜ୍ୱାଇଁ ଓ ନାତିନାତୁଣୀ ପ୍ରମୁଖ ଉପସ୍ଥିତ ଥିଲେ। ବଡ଼ପୁଅ ମୁଖାଗ୍ନି ପ୍ରଦାନ କରିଥିଲେ।

# ସଂସ୍କାରକ ବୈରାଗୀ ମିଶ୍ରଙ୍କ ଜୟନ୍ତୀ

ମାହାଙ୍ଗା,୧୭।୧୨(ସମିସ):



ମାହାଙ୍ଗା ବିକାଶ ପରିଷଦ ଆନୁକୂଲ୍ୟରେ ସାରସ୍ୱତ ସାଧକ ବିଶିଷ୍ଟ ସମାଜ ସଂସ୍କାରକ ବୈରାଗୀ ମିଶ୍ରଙ୍କ ୧୪୧ ତମ ଜୟନ୍ତୀ ପ୍ରତିଭା ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମାହାଙ୍ଗା ବିକାଶ ପରିଷଦର ଅଧ୍ୟକ୍ଷ ତଥା ବିଧାୟକ ସାରଦା ପ୍ରସାଦ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ରେଭେନ୍ସା ବିଶ୍ୱବିଦ୍ୟାଳୟ ଓଡିଆ ବିଭାଗ ପ୍ରାଧ୍ୟାପିକା ଡଃ.ବିଜୟଲକ୍ଷ୍ମୀ ଦାଶ ଯୋଗଦେଇ କେବଳ ମାହାଙ୍ଗା ମାଟିର ଅସ୍ମିତା ପାଇଁ ନୁହେଁ ଓଡିଶାର ବୃହତ୍ତର ସ୍ୱାର୍ଥ ପାଇଁ ଜୀବନବ୍ୟାପୀ ସଂଗ୍ରାମ ଓ ସଂଘର୍ଷ କରିବା ସହିତ ଏକ ଜାତି ବିହୀନ ସମାଜ ଗଠନ କରିବା ତାଙ୍କ ଲକ୍ଷ୍ୟ ଥିଲା ବୋଲି ପ୍ରାଧ୍ୟାପିକା ଦାଶ କହିଥିଲେ। ସମ୍ମାନିତ ଅତିଥିଭାବେ ଅଧ୍ୟାପକ ମନୋରଞ୍ଜନ ବେହୁରା ପ୍ରମୁଖ ଯୋଗଦେଇ ସଂସ୍କାରକ ବୈରାଗୀ ମିଶ୍ରଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ। ସାହିତ୍ୟିକ ଅଶୋକ ରାଉତ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପୂର୍ବତନ ସରପଞ୍ଚ ଜିତେନ୍ଦ୍ର ଶତପଥି, ପନଙ୍ଗ ଭୂଷଣ ଦାସ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷା କନକଲତା ବେହେରା, ଅଶୋକ ବିଶ୍ୱାଳ, ଅଧ୍ୟାପକ ବସନ୍ତ ସେଠୀ, ଅଭିନ୍ନ ଜେନା, ଆମ୍ବ ଅଧ୍ୟକ୍ଷ କିଶୋର ରାଉତ, ସୁରେନ୍ଦ୍ର ମହାନ୍ତି, ହରେକୃଷ୍ଣ ସାହୁ, ମନୋରଞ୍ଜନ ବିଶ୍ୱାଳ, ନିର୍ମଳ ରାଉତ, ସାମ୍ବାଦିକ ଅମରେନ୍ଦ୍ର ସିଂହ ପ୍ରମୁଖ ସଂସ୍କାରକ ମିଶ୍ରଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।



ମାହାଙ୍ଗା: କୁସଂସ୍କାର ଏବଂ ଅନ୍ଧବିଶ୍ୱାସ ବିରୋଧରେ ଆଜୀବନ ସ୍ୱରୋତ୍ତଳନ କରିଆସିଥିବା ବିଖ୍ୟାତ ସମାଜସେବୀ, ସଂସ୍କାରକ ବୈରାଗୀ ଚରଣ ମିଶ୍ରଙ୍କ ୧୪୧ତମ ଜୟନ୍ତୀ ଜନ୍ମପୀଠ ମାଆ ବରୁଣେଇଙ୍କ ପୀଠ ଗୁଣୁପୁର ଠାରେ ପାଳିତ ହୋଇଯାଇଛି। ବୈରାଗୀ ମିଶ୍ର ସ୍ମୃତି ସଂସଦର ସଭାପତି ଉପେନ୍ଦ୍ରନାଥ ରଣାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଜୟନ୍ତୀ ସଭାରେ ସାହିତ୍ୟିକ ଅଖିଳେଶ ପଦ ମହାନ୍ତି ମୁଖ୍ୟଅତିଥି ଭାବେ ଏକ ଶୋଭନୀୟ, କୁସଂସ୍କାର ମୁକ୍ତ ସମାଜ ଗଠନରେ ସ୍ୱର୍ଗତ ମିଶ୍ରଙ୍କ ଜୀବନବ୍ୟାପୀ ଅବଦାନ ଚିର ଅମଳିନ ବୋଲି ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ କବି ପ୍ରଶାନ୍ତ କର, ସାହିତ୍ୟିକ ଭାବଗ୍ରାହୀ ରାଉତ, ଯୁବ ସମାଜସେବୀ ଶୁଭେନ୍ଦୁ କୁମାର ସାମଲ, ଅଜୟ ରାଉତ, ପର୍ଶୁରାମ ସାହୁ, ରାଧାକାନ୍ତ କର, ପଞ୍ଚାନନ ପଣ୍ଡା ପ୍ରମୁଖ ଯୋଗଦେଇ ଯଶସ୍ୱୀ ସାରସ୍ୱତ ସାଧକ, କ୍ରାନ୍ତିଦ୍ରଷ୍ଟା ପୁରୁଷ ସଂସ୍କାରକ ବୈରାଗୀ ଚରଣ ମିଶ୍ରଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ। ଅନୁଷ୍ଠାନ ପକ୍ଷରୁ ସ୍ୱର୍ଗତ ମିଶ୍ରଙ୍କ ଆବକ୍ଷ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ସହିତ ପୂଜାର୍ଚ୍ଚନା କରାଯାଇଥିଲା। ଏହି ଅବସରରେ ଅତିଥିମାନେ ସ୍ୱର୍ଗତ ମିଶ୍ରଙ୍କ ଅନୁଗାମୀ ତଥା ଗୁଣୁପୁର ଗ୍ରାମର ଅନ୍ୟତମ ଶତାୟୁ ଧର୍ମପ୍ରାଣା ମହିଳା ସ୍ୱର୍ଗତ ଲକ୍ଷ୍ମୀପ୍ରିୟା ରଣାଙ୍କ ପ୍ରଥମ ବାର୍ଷିକ ଶ୍ରାଦ୍ଧ ଉତ୍ସବରେ ତାଙ୍କ ଫୋଟୋ ଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

